# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 15 November - 2024

### News Editor : Itishree Singh Rathaur

**************************************

## ମୁଖ୍ୟ ସମ୍ବାଦ

- ଆଦିବାସୀମାନଙ୍କର ସାମଗ୍ରୀକ ବିକାଶ ପାଇଁ ସରକାର ବଦ୍ଧପରିକର; କହିଲେ ପ୍ରଧାନମନ୍ତ୍ରୀ

– ଭଗବାନ ବିର୍ସାମୁଣ୍ଡାଙ୍କର ୧୫୦ ତମ ଜୟନ୍ତୀ ଅବସରରେ ଆଦିବାସୀଙ୍କର କଲ୍ୟାଣ ନିମନ୍ତେ ୬ହଜାର ୬୦୦ କୋଟି ଟଙ୍କାର ପ୍ରକଳ୍ପର କଲେ ଶିଳାନ୍ୟାସ ଓ ଲୋକାର୍ପଣ

– ଆଦିବାସୀ ପିଲାମାନଙ୍କ ଶିକ୍ଷା, ସଂସ୍କୃତିକୁ ସମୃଦ୍ଧ କରିବା ପାଇଁ ରାଜ୍ୟ ସରକାର ୧ ହଜାର ୫୩୫ କୋଟି ଟଙ୍କା ଖର୍ଚ୍ଚ କରିବେ

- ଶିଖ୍ ଧର୍ମଗୁରୁ ଗୁରୁନାନକ ଦେବଙ୍କ ଜୀବନ ଆଦର୍ଶ ମାନବ ସମାଜର ଦୈନନ୍ଦୀନ ଜୀବନକୁ ଏକତା ଏବଂ ସମାନତାର ଭାବନାରେ ପ୍ରୋତ୍ସାହିତ କରୁଛି; କହିଲେ ରାଷ୍ଟ୍ରପତି

ଏବଂ

- ପବିତ୍ର କାର୍ତ୍ତିକ ମାସର ଶେଷ ଦିନରେ ଆଜି କଟକରେ ଆରମ୍ଭ ହେଉଛି ଐତିହାସିକ ବାଲିଯାତ୍ରା

***BBSR/R***

# ଜନଜାତୀୟ ଗୌରବ ଦିବସ-୧

ଭଗବାନ ବିର୍ସାମୁଣ୍ଡାଙ୍କର ୧୫୦ତମ ଜୟନ୍ତୀକୁ ଆଜି ଦେଶରେ ଜନଜାତୀୟ ଗୌରବ ଦିବସ ଭାବେ ପାଳନ କରାଯାଉଛି । ଭଗବାନ ବିର୍ସାମୁଣ୍ଡା ଭାରତୀୟ ସ୍ୱାଧୀନତା ଆନ୍ଦୋଳନ ଇତିହାସରେ ଏକ ପ୍ରମୁଖ ବ୍ୟକ୍ତିତ୍ୱ ଥିଲେ । ଆଦିବାସୀମାନଙ୍କ ଅଧିକାର ସହିତ ରୀତିନୀତି, ସାମାଜିକ ମୂଲ୍ୟବୋଧକୁ ବିର୍ସାମୁଣ୍ଡା ଏକାଠି କରିପାରିଥିଲେ। ଭଗବାନ ବିର୍ସାମୁଣ୍ଡାଙ୍କ ଦେଶ ମାତୃକାର ଅମୂଲ୍ୟ ଅବଦାନକୁ ଚିରସ୍ମରଣୀୟ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ବିହାରର ଜାମୁଇ ଠାରେ ଆୟୋଜିତ ଜନଜାତୀୟ ଗୌରବ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଛନ୍ତି, ଆଦିବାସୀଙ୍କର ବିକାଶ ପାଇଁ ସରକାର ବଦ୍ଧ ପରିକର। ଏହି ଅବସରରେ ପ୍ରଧାନମନ୍ତ୍ରୀ ୬ ହଜାର ୬୦୦ କୋଟି ଟଙ୍କାର ଭିନ୍ନ ଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଏବଂ ଲୋକାର୍ପଣ କରିଛନ୍ତି। ଉପସ୍ଥିତ ଜନତାଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ମୋଦୀ କହିଛନ୍ତି,

**- V/O -**

ଭୁବନେଶ୍ୱର ଜନତା ମଇଦାନରେ ରାଜ୍ୟସ୍ତରୀୟ ବିର୍ସାମୁଣ୍ଡାଙ୍କ ଜୟନ୍ତୀ ଏବଂ ଜନଜାତୀୟ ଗୌରବ ଦିବସ ସମାରୋହ ପାଳନରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଆଦିବାସୀମାନଙ୍କର ସାମଗ୍ରୀକ ବିକାଶ ପାଇଁ ରାଜ୍ୟ ସରକାର ସମସ୍ତ ଚେଷ୍ଟା ଜାରି ରଖିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ୧ ହଜାର ୫୩୫ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକ ଆଦିବାସୀ ପିଲାମାନଙ୍କ ଶିକ୍ଷା, ସଂସ୍କୃତିକୁ ଆଗକୁ ନେବାରେ ସହାୟକ ହେବ ବୋଲି ଶ୍ରୀ ମାଝୀ କହିଛନ୍ତି। ଜନଜାତିଙ୍କ କଥିତ, ଲିଖିତ ଭାଷାର ସଂରକ୍ଷଣ ଏବଂ ଅଗ୍ରଗତି ପାଇଁ ଜନଜାତି ଭାଷା ଓ ପ୍ରତିଷ୍ଠାନ ମହତ୍ତ୍ୱପୂର୍ଣ୍ଣ ବିବେଚିତ ହେବ।

**- V/O -**

ଏହି ଅବସରରେ ମୁଖ୍ୟମନ୍ତ୍ରୀ ୭ଟି ବିଶେଷ ଅନୁନ୍ନତ ଜନଜାତିଙ୍କୁ ସେମାନଙ୍କର ପାରମ୍ପରିକ ସ୍ୱୀକୃତିପତ୍ର ପ୍ରଦାନ କରିବା ସହ ଜଙ୍ଗଲ ଅଧିକାର ଆଇନ ୱେବପୋର୍ଟାଲର ଶୁଭାରମ୍ଭ କରିଛନ୍ତି। ରାଜ୍ୟସ୍ତରୀୟ ସମାରୋହରେ କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀ, କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦୟଶୋ ନାୟକ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ରାଜ୍ୟ ଅନୁସୂଚିତ, ଜନଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସମେତ ଭୁବନେଶ୍ୱର ସାଂସଦ ଓ ଅନ୍ୟାନ୍ୟ ବିଶିଷ୍ଟ ଅତିଥିମାନେ ଯୋଗଦେଇଥିଲେ।

ଜନଜାତୀୟ ଗୌରବ ଦିବସ ପାଳନର ଅବ୍ୟବହିତ ପୂର୍ବରୁ ଗତକାଲି ସନ୍ଧ୍ୟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶବାସୀଙ୍କୁ ସମ୍ବୋଧନ କରି କହିଛନ୍ତି ଯେ ଜନଜାତି ସମୁଦାୟଙ୍କ ପ୍ରଗତି ଦେଶର ପ୍ରାଥମିକତା । ସମାଜରେ ସଦ୍‌ଭାବନା ଏବଂ ସଂସ୍କୃତିକୁ ଉଜ୍ଜୀବିତ ରଖିବାରେ ଜନଜାତି ସଂପ୍ରଦାୟଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

***Rayagada***

## ଜନଜାତୀୟ ଗୌରବ ଦିବସ-୨

ଭଗବାନ ବିର୍ସାମୁଣ୍ଡାଙ୍କ ଜନ୍ମଜୟନ୍ତୀ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପାଳନ କରାଯାଉଛି । ଜନଜାତୀୟ ଗୌରବ ଦିବସ ଅବସରରେ ରାୟଗଡ଼ା ଜିଲ୍ଲା ଗୁଣୁପୁର ତହସିଲ ପଡ଼ିଆଠାରେ ଜିଲ୍ଲାସ୍ତରୀୟ ସମାରୋହ ଅନୁଷ୍ଠିତ ହୋଇଥିଲା । ପ୍ରଧାନମନ୍ତ୍ରୀ ରାୟଗଡ଼ା ଜିଲ୍ଲାର ମୁନିଗୁଡ଼ା ବ୍ଲକ ଅନ୍ତର୍ଗତ ଡଙ୍ଗରିଆ ଗ୍ରାମ 'ସକଟା'କୁ ଆଦର୍ଶ ଗ୍ରାମ ଭାବେ ଘୋଷଣା କରିଛନ୍ତି । ଏହି କାର୍ଯ୍ୟକ୍ରମ ଅବସରରେ ଆଦିବାସୀମାନଙ୍କୁ ଜଙ୍ଗଲ ଜମିପଟ୍ଟା ପ୍ରଦାନ, ଜନ୍ମ ପ୍ରମାଣପତ୍ର ସହ ଜନମନ ଯୋଜନା ଅନ୍ତର୍ଗତ ପ୍ରଧାନମନ୍ତ୍ରୀ ଆବାସୀ ଗୃହ ମିଳିଛି ।

***Balangir/DHNKL***

## ଜନଜାତୀୟ ଗୌରବ ଦିବସ-୨

ଢେଙ୍କାନାଳ ସ୍ଥିତ ମିନି ଷ୍ଟାଡିୟମ୍‌ରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜନଜାତୀୟ ଗୌରବ ଦିବସ ପାଳିତ ହୋଇଯାଇଛି । ଜିଲ୍ଲାପାଳ ସୋମେଶ

କୁମାର ଉପାଧ୍ୟାୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଜିଲ୍ଲାରେ ଚାଲିଥିବା ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ମଧ୍ୟ ଉପସ୍ଥିତ ଥିଲେ।

ବଲାଙ୍ଗୀର ଜିଲ୍ଲା ପ୍ରଶାସନ ପକ୍ଷରୁ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଅବସରରେ ଜନଜାତି ବର୍ଗରୁ ଶହେ ଲୋକଙ୍କୁ ଜଙ୍ଗଲ ଜମିପଟ୍ଟା ପ୍ରଦାନ କରାଯାଇଛି। ଏହାଛଡ଼ା ଜନଜାତି ସମ୍ପ୍ରଦାୟର ୬ ଜଣଙ୍କୁ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ବିଧାୟକ ଲକ୍ଷ୍ମଣବାଗ, କଳିକେଶ ନାରାୟଣ ସିଂଦେଓ ପ୍ରମୁଖ ଉପସ୍ଥିତ ଥିଲେ।

***Cuttack/BHK/Sonepur***

## କାର୍ତ୍ତିକ ଓ ବାଲିଯାତ୍ରା

ପବିତ୍ର କାର୍ତ୍ତିକ ମାସର ଶେଷଦିନରେ ଆଜି ପରମ୍ପରା ଅନୁସାରେ ସକାଳୁ ବିଭିନ୍ନ ପୁଷ୍କରିଣୀ ଓ ମହୋଦଧିରେ ଡଙ୍ଗାଭସାଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଉତ୍କଳୀୟ ପରମ୍ପରାରେ ଆଜିର ଦିବସର ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ରହିଛି । ଧାର୍ମିକ ବିଧି ଅନୁସାରେ ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜୀଉମାନେ ରତ୍ନସିଂହାସନରେ ସୁନାବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଉଛନ୍ତି। ଶ୍ରୀଜୀଉଙ୍କର ଏହି ଦୁର୍ଲଭ ଦର୍ଶନ ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କର ସମାଗମ ହୋଇଛି । କଟକ ଗଡ଼ଗଡ଼ିଆ ଘାଟ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ

ବୋଇତବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଥିବା ସମ୍ବାଦ ଆମର ହସ୍ତଗତ ହୋଇଛି ।

ଭଦ୍ରକ ଜିଲ୍ଲା ଆରଡ଼ିର ବାବା ଆଖଣ୍ଡଳମଣିଙ୍କ ପୀଠରେ ଥିବା ଶିବଗଙ୍ଗା ପୁଷ୍କରିଣୀ, ସାଳନ୍ଦୀ, ବୈତରଣୀ ନଦୀରେ ଶ୍ରଦ୍ଧାଳୁମାନେ ଡଙ୍ଗା ଭସାଇଛନ୍ତି । ମଣିବାବାଙ୍କୁ ପଞ୍ଚାନନ, ହରଗୌରୀ ବେଶରେ ସୁସଜ୍ଜିତ କରାଯାଇଛି ।

ସୁବର୍ଣ୍ଣପୁର ଜିଲ୍ଲା ରାମେଶ୍ୱରସ୍ଥିତ ସ୍ୱର୍ଣ୍ଣପ୍ରାୟଗ ଘାଟ ଓ ବିନିକା ପାପକ୍ଷୟ ଘାଟରେ ଶ୍ରଦ୍ଧାଳୁମାନେ ଡଙ୍ଗା ଭସାଉଥିବା ଦେଖିବାକୁ ମିଳିଥିଲା । ପାତାଳିଶ୍ରୀକ୍ଷେତ୍ର ଶୈବପୀଠ ସମେତ ବୀରମହାରାଜପୁରର ଚମ୍ପେଶ୍ୱର ମନ୍ଦିରରେ ମଧ୍ୟ ରାସ ପୂର୍ଣ୍ଣିମା ଅବସରରେ ଶ୍ରଦ୍ଧାଳୁମାନଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି ।

ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଉତ୍କଳର ଐତିହ୍ୟ ସଂପନ୍ନ ବାଲିଯାତ୍ରାର ସ୍ମୃତିଚାରଣ କରି କଟକଠାରେ ଆଜିଠାରୁ ଐତିହାସିକ ବାଲିଯାତ୍ରା ଆରମ୍ଭ ହେଉଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅପରାହ୍ନ ସାଢ଼େ ୫ଟାରେ ବାଲିଯାତ୍ରା ଉତ୍ସବକୁ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି । ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ବାଲିଯାତ୍ରା ମହୋତ୍ସବ ଚାଲିବ । ବାଲିଯାତ୍ରାର ଉପର ଓ ତଳ ପଡ଼ିଆରେ ୨୫ ଶହରୁ ଅଧିକ ଛୋଟବଡ଼ ଷ୍ଟଲ୍ ସ୍ଥାନ ପାଇଛି ।

***Desk***

# ଗୁରୁ ନାନକ ଜୟନ୍ତୀ

ଶିଖ୍ ଧର୍ମଗୁରୁ ଏବଂ ପବିତ୍ର ଶିଖ୍ ଧର୍ମର ପ୍ରବର୍ତ୍ତକ ଆଦିଗୁରୁ– ଗୁରୁନାନକ ଦେବଙ୍କ ୫ଶହ ୫୫ତମ ଜୟନ୍ତୀକୁ ଆଜି ଦେଶରେ ଗୁରୁପର୍ବ ଭାବେ ପାଳନ କରାଯାଉଛି । ତାଙ୍କର ଜୟନ୍ତୀ ଅବସରରେ ଆଜି ଅମ୍ରିତସର ସ୍ୱର୍ଣ୍ଣମନ୍ଦିର ସହିତ ବିଶ୍ୱର ବିଭିନ୍ନ କୋଣ ଅନୁକୋଣରେ ଥିବା ଗୁରୁଦ୍ୱାର ଗୁଡ଼ିକରେ ପ୍ରାର୍ଥନା ସଭା ଚାଲିଛି। ଗୁରୁ ନାନକଙ୍କର ତ୍ୟାଗ, ଦୟା ଏବଂ କରୁଣା ମାନବସମାଜକୁ ଉଚିତ ମୂଲ୍ୟବୋଧ ଏବଂ ସଦ୍‌ମାର୍ଗ ଦେଖାଇଥାଏ । ଗୁରୁନାନକ ତାଙ୍କର ଭଜନଗୁଡ଼ିକରେ ମାନବ ଜୀବନର ଅମୂଲ୍ୟ ସମ୍ପଦ ବିଷୟରେ ବର୍ଣ୍ଣନା କରିଛନ୍ତି।

ପବିତ୍ର ଶିଖଧର୍ମର ପ୍ରତିଷ୍ଠାତାଙ୍କର ଜନ୍ମଦିନରେ ରାଷ୍ଟ୍ରପତି ତାଙ୍କ ବାର୍ତ୍ତାରେ କହିଛନ୍ତି, ଗୁରୁନାନକ ଦେବଙ୍କ ଜୀବନ ଆଦର୍ଶ' ମାନବ ସମାଜର ଦୈନନ୍ଦୀନ ଜୀବନକୁ ଏକତା ଏବଂ ସମାନତାର ଭାବନାରେ ପ୍ରୋତ୍ସାହିତ କରୁଛି।

ପ୍ରକାଶ ପର୍ବ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶିଖ୍ ଭାଇଭଉଣୀଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ଗୁରୁ ନାନକଦେବଙ୍କ ଶିକ୍ଷା ମାନବ ସମାଜକୁ କରୁଣା, ଦୟା ଓ ବିନମ୍ରତାର ଭାବନାରେ ପ୍ରେରିତ କରିଥାଏ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ବାର୍ତ୍ତାରେ କହିଛନ୍ତି, ଗୁରୁନାନକ ଦେବ ସମାଜରେ ଭେଦଭାବ, ଅଜ୍ଞନତା ଏବଂ ମନ୍ଦ ବିଚାର ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ତାଙ୍କର ଜୀବନ ଆଦର୍ଶ ମନୁଷ୍ୟ ସମାଜରେ ଶାନ୍ତି ପ୍ରତିଷ୍ଠା, ମାନବିକତା ଏବଂ ଭ୍ରାତୃତ୍ୱ ଭାବର ପ୍ରତୀକ ଅଟେ।

***HS***

## ଶିମିଳିପାଳ- ବାଘୁଣୀ

ମହାରାଷ୍ଟ୍ରରୁ ଅଣାଯାଇଥିବା ବାଘୁଣୀ ଜିନ୍ନତକୁ ଆଜି ଶିମିଳିପାଳରେ ଛଡ଼ାଯାଇଛି। ଶିମିଳିପାଳ ଅଭୟାରଣ୍ୟର ଉତ୍ତରରେ ଥିବା ଚହଲା ନିକଟ ଏକ ଏନ୍‌କ୍ଲୋଜର ଭିତରେ ବାଘୁଣୀକୁ ରଖାଯାଇଛି। ବାଘୁଣୀଟିର ବୟସ ପ୍ରାୟ ୩ ବର୍ଷ ହେବ ବୋଲି ଜଣାପଡ଼ିଛି। ପୂର୍ବରୁ ଗତ ମାସ ୨୭ ତାରିଖରେ ମହାରାଷ୍ଟ୍ରର ତଡ଼ବା ଅଭୟାରଣ୍ୟରୁ ବାଘୁଣୀ ଯମୁନାକୁ ଶିମିଳିପାଳ ଅଣାଯାଇଥିଲା। ବର୍ତ୍ତମାନ ଶିମିଳିପାଳ ଅଭୟାରଣ୍ୟରେ ମହାରାଷ୍ଟ୍ରରୁ ଆସୁଥିବା ଦୁଇଟି ବାଘୁଣୀ ଅଛନ୍ତି।

***CTC***

## ଜାତୀୟ ଶିକ୍ଷାନୀତି

ଜାତୀୟ ଶିକ୍ଷାନୀତି-୨୦୨୦ ଏକ ଉତ୍କୃଷ୍ଟ ନୀତି। ଏହାଦ୍ୱାରା ଛାତ୍ରଛାତ୍ରୀଙ୍କର ସାମଗ୍ରୀକ ବିକାଶ ହୋଇପାରିବ ବୋଲି ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳନ ଉତ୍ସବରେ ମୁଖ୍ୟଅତିଥିଭାବେ ଯୋଗଦେଇ ଆଦିତ୍ୟ ପ୍ରସାଦ ଦାଶ କହିଛନ୍ତି। ରେଭେନ୍ସା ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆଜି ପୂର୍ବାହ୍ନରେ ଆୟୋଜିତ ଉତ୍ସବରେ

ବିଶ୍ୱବିଦ୍ୟାଳୟର କୁଳପତି ସଞ୍ଜୟ କୁମାର ନାୟକ ରେଭେନ୍ସାର ଏହି ଦିବସର ମହତ୍ତ୍ୱ ସମ୍ପର୍କରେ କହିଥିଲେ। ବିଶ୍ୱବିଦ୍ୟାଳୟ ପକ୍ଷରୁ ସାରଳା ମହାଭାରତ ଆଦି ପର୍ବର ଲୋକାର୍ପଣ କରାଯାଇଥିଲା।